**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**28th November - 2024**

**News Editor : *Itishree Singh Rathaur***

**********************************

***BBSR/R***

# ପି.ଏମ୍. – ଡି.ଜି.ପି. ସମ୍ମିଳନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ତିନିଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ବି.ଜେ.ପି. ରାଜ୍ୟଶାଖା ସଭାପତି ମନମୋହନ ସାମଲ କହିଛନ୍ତି, ବିମାନବନ୍ଦରରୁ ପ୍ରଧାନମନ୍ତ୍ରୀ ସିଧଳସଳଖ ରାଜଭବନକୁ ଯିବେ ଏବଂ ସେଠାରୁ ଦଳୀୟ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରିମଣ୍ଡଳର ସଦସ୍ୟ, ସାଂସଦ, ବିଧାୟକ ଏବଂ ଦଳୀୟ ନେତାଙ୍କ ସହ ବୈଠକରେ ଯୋଗଦେବେ । ରାଜ୍ୟରେ ଆସନ୍ତା ଶନିବାର ଦିନ ଅନୁଷ୍ଠିତ ହେବାକୁ ଥିବା ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀରେ ଯୋଗଦେଇ ପ୍ରଧାନମନ୍ତ୍ରୀ ରବିବାର ଦିନ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି ବୋଲି ଶ୍ରୀ ସାମଲ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ସର୍ବଭାରତୀୟ ଡି.ଜି.ପି. ଏବଂ ଆଇ.ଜି. ସମ୍ମିଳନୀ ଆସନ୍ତା ଶନିବାର ରାଜ୍ୟରେ ପ୍ରଥମ ଥରପାଇଁ ଅନୁଷ୍ଠିତ ହେବ । ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଭୁବନେଶ୍ୱରରେ ୬ଟି ଅଞ୍ଚଳକୁ ସୁରକ୍ଷା ଦୃଷ୍ଟିରୁ ନୋ-ଫ୍ଲାଇଙ୍ଗ୍ ଜୋନ୍ ଘୋଷଣା କରାଯାଇଛି । ଏହି ତିନିଦିନିଆ

ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ସମେତ ଅନ୍ୟମାନଙ୍କ ମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍ ପ୍ରମୁଖ ଯୋଗଦେବେ ।

***Desk***

# ବିଧାନସଭା

ବିଧାନସଭା ଗୃହକାର୍ଯ୍ୟ ଆସନ୍ତାକାଲି ଏବଂ ଶନିବାର ଦୁଇଦିନ ବନ୍ଦ ରହିବ । ବାଚସ୍ପତି ସୁରମା ପାଢ଼ୀ ଗୃହକାର୍ଯ୍ୟ ପରାମର୍ଶଦାତା କମିଟି ବୈଠକର ପରାମର୍ଶ ଆଧାରରେ ଏହି ଘୋଷଣା କରିଛନ୍ତି । ଆସନ୍ତାକାଲିଠାରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଗସ୍ତ ଏବଂ ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ।

***Desk***

# ଯୋଗାଣ ନିଗମ - କେନ୍ଦ୍ର ପ୍ରାପ୍ୟ

ଓଡ଼ିଶା ରାଜ୍ୟ ଯୋଗାଣ ନିଗମ କେନ୍ଦ୍ର ସରକାରଙ୍କଠାରୁ ଧାନକିଣା ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରେ ୭ ହଜାର ୩୩ କୋଟି ୮୧ ଲକ୍ଷ ଟଙ୍କା ପଇବ । ବିଧାନସଭାରେ ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ୨୦୦୩-୦୪

ଆର୍ଥିକ ବର୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଏହି ବକେୟା ପ୍ରାପ୍ୟ କେନ୍ଦ୍ର ସରକାର ପ୍ରଦାନ କରିବେ ।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ୨୦୨୩-୨୪ ଖରିଫ୍ ଏବଂ ରବି ଋତୁରେ ପଞ୍ଜିକୃତ ଚାଷୀଙ୍କଠାରୁ ମୋଟ ୭୦ ଲକ୍ଷ ୮୮ ହଜାର ଟନ୍ ଧାନ କିଣାଯାଇଥିଲା । ସେ କହିଛନ୍ତି, ଏହି କ୍ରୟ ହୋଇଥିବା ଧାନର ସମାନୁପାତିକ ଚାଉଳ ପରିମାଣ ହେଉଛି ୪୮ ଲକ୍ଷ ୪୭ ହଜାର ଟନ୍ । ଭାରତୀୟ ଖାଦ୍ୟ ନିଗମ ମାଧ୍ୟମରେ ଆସନ୍ତା ୩୦ ତାରିଖ ସୁଦ୍ଧା ସେଥିରୁ ୨୬ ଲକ୍ଷ ୫୦ ହଜାର ଟନ୍ ଚାଉଳ ନେବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି ।

***Desk***

# ପି.ଏମ୍. ଆବାସ - ମାର୍ଗଦର୍ଶିକା

ପ୍ରଧାନମନ୍ତ୍ରୀ ଆବସ ଯୋଜନା ଅଧୀନରେ ଗୃହ ଆବଣ୍ଟନ ନେଇ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ନୂଆ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି । ଏଣିକି ଆବେଦନକାରୀ ଆବାସ ସଂକ୍ରାନ୍ତ ସମସ୍ତ ତଥ୍ୟ ସିଧାସଳଖ 'ଆବାସ ପ୍ଲସ୍' ପୋର୍ଟାଲ୍‌ରେ ଅପ୍‌ଲୋଡ୍ କରିପାରିବେ । ଯୋଜନା ପ୍ରଣୟନରେ ସ୍ୱଚ୍ଛତା ଏବଂ ଏହାର ସୁଫଳ ଯୋଗ୍ୟ ହିତାଧିକାରୀ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଏହି ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଥିବା ପଞ୍ଚାୟତିରାଜ ବିଭାଗ ସୂଚନା ଦେଇଛି । ଏଥିପାଇଁ ପଞ୍ଚାୟତ ସ୍ତରରେ କର୍ମଶାଳାମାନ ଆୟୋଜନ କରାଯିବ ବୋଲି ବିଭାଗ କହିଛି ।

***BBSR/R***

# ଓ.ପି.ଜି.ସି.

ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ - ଓ.ପି.ଜି.ସି.ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକର ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସମୀକ୍ଷା କରିଛନ୍ତି । ଫ୍ଲାଏ ଆଶ୍‌କୁ ବ୍ୟବହାର କରି ଇଟା ତିଆରି କରିବା ସହିତ ପି.ଏମ୍. ଆବାସ ଯୋଜନାରେ ଏହାର ବ୍ୟବହାର ନେଇ ମନ୍ତ୍ରୀ ଶ୍ରୀ ସିଂହଦେଓ ପରାମର୍ଶ ଦେଇଛନ୍ତି । ତାପଜ ବିଦ୍ୟୁତ୍ ଉତ୍ପାଦନ ଏବଂ ଖଣି ଖନନ ପରେ ବାହାରୁଥିବା ବର୍ଜ୍ୟର ପରିଚାଳନା ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବୈଠକରେ ଯୋଗ ଦେଇଥିଲେ ।

***BBSR/R***

# ଅଭିଜ୍ଞତା କେନ୍ଦ୍ର

ରାଜ୍ୟରେ କୃଷକଙ୍କ ସ୍ୱାର୍ଥରକ୍ଷା ଏବଂ ସେମାନଙ୍କୁ ସର୍ବାଧିକ ଲାଭ ଦେବା ଲକ୍ଷ୍ୟ ନେଇ ଭୁବନେଶ୍ୱରସ୍ଥିତ ଖାଦ୍ୟ ଯୋଗାଣ ନିଗମ ପରିସରରେ ନିର୍ଦ୍ଦେଶ ନିୟନ୍ତ୍ରଣ ଓ ଅଭିଜ୍ଞତା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ଧାନ ସଂଗ୍ରହ ସମୟରେ ଅନିୟମିତା ଅଭିଯୋଗ ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାରେ ଏହି କେନ୍ଦ୍ର କାର୍ଯ୍ୟ କରିବ । ଅଭିଯୋଗ ନେଇ ନିଃଶୁଳ୍କ

ନମ୍ବର ୧୯୬୭ର ଉପଯୋଗ କରିବାକୁ ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେଇଛନ୍ତି ।

***BBSR/R***

# ବିମାନ ସେବା

ଭୁବନେଶ୍ୱରରୁ ୩ଟି ସହର ଲକ୍ଷ୍ନୌ, କୋଚି ଏବଂ ଜୟପୁରକୁ ସିଧାସଳଖ ବମାନ ସେବା ଆରମ୍ଭ କରାଯିବ । ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ପକ୍ଷରୁ ଆସନ୍ତା ଜାନୁୟାରୀ ୨୫ ତାରିଖରୁ ଏହି ବିମାନ ସେବା ଆରମ୍ଭ କରିବାକୁ ପଦକ୍ଷେପ ନିଆଯାଉଛି । ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ଦେଇ ଗତ ମାସରେ ୧୦ ହଜାର ୭୩୦ ଜଣ ଅନ୍ତର୍ଜାତୀୟ ଯାତ୍ରୀ ଯିବା ଆସିବା କରିଛନ୍ତି । ଏହି ସମୟସୀମା ମଧ୍ୟରେ ଘରୋଇ ଯାତ୍ରୀଙ୍କ ସଂଖ୍ୟା ୩ ଲକ୍ଷ ୯୯ ହଜାର ୩୨ ରହିଥିବା ଜଣାପଡ଼ିଛି ।

***BBSR/R***

# ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ୪୩ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୪ରେ ଓଡ଼ିଶା ମଣ୍ଡପ ରୌପ୍ୟ ପଦକ ପାଇଛି । 'ବିକଶିତ ଭାରତ : ବିକଶିତ ଓଡ଼ିଶା' ଶୀର୍ଷକ ନେଇ ଚଳିତ ବର୍ଷ ଓଡ଼ିଶା ମଣ୍ଡପ ପ୍ରସ୍ତୁତ କରାଯାଇଥିଲା । ଏଥରକୁ ମିଶାଇ କ୍ରମାଗତ ତୃତୀୟ

ଥରପାଇଁ ଓଡ଼ିଶା ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ପୁରସ୍କୃତ ହୋଇଛି । ସୂଚନାଯୋଗ୍ୟ, ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ଏହି ମେଳା ଗତକାଲି ଉଦ୍‌ଯାପିତ ହୋଇଛି ।

*****